Akashvani, Sambalpur

SAMBALPURI NEWS MORNING BULLETIN

5 November 2026 - 6.47- 6.52 am.

ଅମିତ୍ ଶାହା- ମୁଖ୍ୟମନ୍ତ୍ରୀ ଆର୍ଏନ୍ୟୁ/ ସମ୍ବଲପୁର

ନୂଆଦିଲ୍ଲୀ ଗସ୍ତ ଅବ୍ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ସ୍ୱରାଷ୍ଟ୍ର ଆଉ ସମବାୟ ମନ୍ତ୍ରୀ ଅମିତ୍ ଶାହାଙ୍କୁ ସାକ୍ଷାତ୍ କରିଛନ୍ । ଇ ବାବ୍ଦେ ମୁଖ୍ୟମନ୍ତ୍ରୀ ସାମାଜିକ୍ ଗଣମାଧ୍ୟମ୍ଥି ପୋଷ୍ଟ୍ କରିକରି କହିଛନ୍, ଶ୍ରୀ ଶାହାଙ୍କର୍ ସହେତେ ରାଏଜେ ସମ୍ପ୍ରତିକ୍ ବାତ୍ୟା ଉତ୍ରର୍ ସ୍ଥିତି, ରିଲିଫ୍, ପୁନରୁଦ୍ଧାର୍ କାମ୍ ଆଉ ଆଏବା ଦିନେ ପ୍ରାକୃତିକ୍ ବିପର୍ଯ୍ୟୟର୍ ସ୍ଥାୟୀ ମୁକାବିଲା ଲାଗି ଭିତିଭୂମିକେ ବର୍କସ୍ କର୍ବାର୍ ବାବ୍ଦେ ଆଲୋଚନା ହେଇଛେ । ବିପର୍ଯ୍ୟୟ ପରିଚାଲନ୍ କ୍ଷେତ୍ରଥି କେନ୍ଦ୍ର ସର୍କାର୍ଙ୍କର୍ ତୁର୍ତି ସାହାଜ୍ ଆଉ ନିରନ୍ତର୍ ସହଯୋଗ୍ ଲାଗି ମୁଖ୍ୟମନ୍ତ୍ରୀ - କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହାଙ୍କୁ କୃତଜ୍ଞତା ଜନେଇଛନ୍ ।

ମୁଖ୍ୟମନ୍ତ୍ରୀ - ଅର୍ଣ୍ଣବ୍ ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ତର୍ଫୁ ଘୋଷ୍ନା କରାଯାଇଥିବାର୍ ପେକେଜ୍ ଅନ୍ସାରେ ବାତ୍ୟା ଅର୍ଣ୍ଣବ୍ଥି ପ୍ରଭାବିତ୍ ପରିବାର୍କେ ନଗଦ୍ ଅନୁଗ୍ରହ ସହାୟତା ଦିଆଯିବାର୍ ଲାଗି ରାଜ୍ୟ ସର୍କାର୍ ଗଞ୍ଜାମ୍ ଆଉ କୋରାପୁଟ୍ ଜିଲ୍ଲା ଲାଗି ପାଖାପାଖି ଶହେ ୭ କୋଟି ୭୦ ଲାଖ୍ ନୁ ଅଏତ୍କା ଟଙ୍କା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ଏସ୍ଡିଆର୍ଏଫ୍ ନୁ ମଞ୍ଜୁର୍ କରିଛନ୍ । ଇଥିର୍ଭିତ୍ରୁ ଗଞ୍ଜାମ୍ ଜିଲ୍ଲା ଲାଗି ଶହେ ୭ କୋଟି ୪୪ ଲାଖ୍ ୫୫ ହଜାର୍ ଟଙ୍କା ଆଉ କୋରାପୁଟ୍ ଜିଲ୍ଲା ଲାଗି ୨୬ ଲାଖ୍ ୨୭ ହଜାର୍ ୫ ଶହ ଟଙ୍କା ଛଡ଼ାଯାଇଛେ । ମଞ୍ଜୁର୍ ହେଇଥିବା ଟଙ୍କା ଗଞ୍ଜାମ୍ ଜିଲ୍ଲାର୍ ବାତ୍ୟା ପ୍ରଭାବିତ୍ ୪ ଲାଖ୍ ୨୯ ହଜାର୍ ୭ ଶହ ୮୨ ଟା ପରିବାର୍କେ ଫିଁ’ ପରିବାର୍ ପିଛା ୨୫ ଶହ ଟଙ୍କା ହିସାବେ ଦିଆଯିବା । ସେନ୍ତା କୋରାପୁଟ୍ ଜିଲ୍ଲାର୍ ୧ ହଜାର୍ ୫୧ ଟା ପ୍ରଭାବିତ୍ ପରିବାର୍କେ ଭିଲ୍ ସେହି ହିସାବେ ଯୁଗେଇ ଦିଆଯିବା । ଇ ସାହାଜ୍ ଟଙ୍କା ସମ୍ପୃକ୍ତ ଜିଲ୍ଲାର୍ ଜିଲ୍ଲାପାଲ୍ଙ୍କୁ ଦିଆଯାଇଛେ । ଧାରିଜ୍ ନିୟମ୍ ଆଉ

ମାର୍ଗଦର୍ଶିକା ଅନୁସାରେ ଯୋଗ୍ୟ ପ୍ରଭାବିତ୍ ପରିବାର୍‌କେ ତୁରନ୍ତି ସାହାଜ୍ ଯୁଗେଇ ଦେବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ସମନ୍ୱୟ କମିଟି ବୈଠକ ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ରାଜ୍ୟସ୍ତରୀୟ ସମନ୍ୱୟ କମିଟିର୍ ପହେଲା ବୈଠକ୍ ଭୁବ୍‌ନେଶ୍ୱର ଲୋକ୍‌ସେବା ଭବନ୍ ଠାନେ ହେଇଯାଇଛେ । ରାଏଜେ ପରିସଂଖ୍ୟାନ କାର୍ଯ୍ୟକଳାପ ବାବ୍‌ଦେ କେନ୍ଦ୍ର ସର୍‌କାର୍‌ଙ୍କର୍ ପରିସଂଖ୍ୟାନ୍ ଆଉ କାର୍ଯ୍ୟକ୍ରମ୍ କାର୍ଯ୍ୟାନ୍ୱୟନ୍ ମନ୍ତ୍ରଣାଲୟ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଭିତ୍‌ରେ ତାଲ୍‌ମେଲ୍‌କେ ବର୍‌କସ୍ କର୍‌ବାର୍ ଲାଗି ବୈଠକ୍‌ଥି ବିସ୍ତୃତ୍ ଆଲୋଚନା ହେଇଛେ । ରାଜ୍ୟ ପରିସଂଖ୍ୟାନ୍ ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ଆଉ ସର୍‌କାରୀ ପରିସଂଖ୍ୟାନ୍‌ର ଗୁଣବତା, ବିଶ୍ୱସନୀୟତାଥି ଉନ୍ନତି ଆନ୍‌ବାର୍ ଲାଗି ବୈଠକ୍‌ଥି ବହୁତ୍ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛେ ।

ପ୍ରମାଣ ଭିତିକ ନୀତି ନିର୍ଦ୍ଧାରଣ୍ ଆଇ ଆଣ୍ଡ୍ ପି.ଆର୍

ରାଏଜେ ପ୍ରମାଣଭିତିକ୍ ନୀତି ନିର୍ଦ୍ଧାରଣକେ ଅଏତ୍କା ବର୍କସ୍ କର୍ବାର୍ ଲାଗି ଓଡ଼ିଶା ସର୍କାର୍ ଆଉ ଅବ୍ଦୁଲ୍ ଲତିଫ୍ ଜମିଲ୍ ପୋଭର୍ଟି ଏକ୍ସନ୍ ଲେବ୍ - (ଜେ-ପାଲ୍) ସାଉଥ୍ ଏସିଆ ଭିତ୍ରେ ୩ ବର୍ଷିଆ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଇଥି ଓଡ଼ିଶା ଭିଜନ୍ ୨୦୩୬ ଆଉ ୨୦୪୭ ଜରିଏ ବିକଶିତ୍ ଓଡ଼ିଶା, ବିକଶିତ୍ ଭାରତ୍ ଗଠନ୍ ଲାଗି ରାଜ୍ୟର୍ ଭବିଷ୍ୟତ୍ ବିକାଶ୍ର ରୂପରେଖ ତିଆର୍ କରାଯାଇଛେ । ରାଜ୍ୟର୍ ଭିନ୍ ଭିନ୍ ବିଭାଗ୍ ସହେତେ ମିଶିକରି ଓଡ଼ିଶାର୍ ନୀତିଗତ ଆହ୍ୱାନ୍ ମାନ୍କର୍ ଚିହ୍ନଟ୍, ବୈଜ୍ଞାନିକ୍ ଆଉ ବ୍ୟାପକ୍ ଗବେଷଣା ଜରିଏ ନିର୍ଭରଯୋଗ୍ୟ ପ୍ରମାଣ୍ ସଂଗ୍ରହ କର୍ବାର୍ ଆଉ ଗବେଷଣାନୁ ମିଳୁଥିବା ନିଷ୍କର୍ଷକେ କାର୍ଯ୍ୟକାରୀ କର୍ବାର୍ ଦିଗେ କାମ୍ କର୍ବା ।

ସମ୍ବଲ୍ପୁର୍ ଜିଲ୍ଲାପାଳ୍-ସମୀକ୍ଷା ବୈଠକ୍ ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ ଜିଲ୍ଲାପାଳ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଗୁଟେ ଉଚ୍ଚସ୍ତରୀୟ ଜିଲ୍ଲା ସମୀକ୍ଷା ବୈଠକ୍

ହେଇଯାଇଛେ । ବୈଠକ୍‌ଥି ଜିଲ୍ଲା ନ ଚାଲିଥିବା ଭିନ୍ ଭିନ୍ ଗ୍ରାମୀଣ୍ ଉନ୍ନୟନ୍ ଆଉ ଦାରିଦ୍ର୍ୟ ଦୂରୀକରଣ୍ କାର୍ଯ୍ୟକ୍ରମ୍‌ର ଅଗ୍ରଗତି ବାବ୍‌ଦେ ବିସ୍ତୃତ୍ ସମୀକ୍ଷା କରାଯାଇଥିଲା । ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା ଆଉ ଅନ୍ତ୍ୟୋଦୟ ଗୃହ ଯୋଜ୍‌ନା ଅଧୀନ୍‌ଥି ଥିବା ସବୁ ଘର୍ ତିଆର୍ କାମ୍ ତୁର୍‌ତି ସାରିକରି ଯୋଗ୍ୟ ହିତାଧିକାରୀଙ୍କୁ ଯୁଗେଇ ଦେବାର୍ ସହେତେ ମନରେଗା ଜରିଏ ନିର୍ମାଣାଧୀନ୍ ଥିବା ଅଙ୍ଗନବାଡ଼ି କେନ୍ଦ୍ର ଗୃହ ନିର୍ମାଣ୍‌କେ ତୁର୍‌ତି କର୍‌ବାର୍ ଉପ୍‌ରେ ବୈଠକ୍‌ଥି ଜୋର୍ ଦିଆଯାଇଛେ ।

ମତ୍ସ୍ୟ, ପ୍ରାଣୀସମ୍ପଦ୍ ମେଳା ବୌଦ୍ଧ ସମ୍ବାଦଦାତା

ଆଏବା ୨୫ ଆଉ ୨୬ ତାରିଖ୍ ଦିନ ବୌଦ୍ଧ କଚ୍‌ରୀ ପଡ଼ିଆ ନ ଜିଲ୍ଲାସ୍ତରୀୟ ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ମେଳାର୍ ଆୟୋଜନ୍ କରାଯିବ। । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଗୁଟେ ପ୍ରସ୍ତୁତି ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ମେଳାଥି ୩୦ ଟା ଷ୍ଟଲ୍ ଖୁଲାଯିବ। । ଷ୍ଟଲ୍ ମାନ୍‌କେ ଚାଷୀମାନେ

ଭିନ୍ ଭିନ୍ ଉନ୍ନତ୍ ପଦ୍ଧତିର୍ ଚାଷ୍ ଆଉ ସର୍କାରୀ ଯୋଜ୍ନା ବାବ୍ଦେ ସୂଚ୍ନା ପାଇପାର୍ବେ ।

ଆଡ଼ାପୁ ୪- ଆର୍.ପ୍ରକଳ୍ପ ବୈଠକ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଆଡ଼ାପୁ ୪- ଆର୍.ପ୍ରକଳ୍ପ ଅନ୍ତର୍ଗତ୍ ଜିଲ୍ଲାସ୍ତରୀୟ ଜଳବାୟୁ ଆକଲନ୍ ମଂଚ ଆଉ ରବି ଫସଲ୍ ଯୋଜ୍ନା ବୈଠକ୍ ଜିଲ୍ଲାପାଲ୍ ଅନ୍ୟା ଦାସ୍ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍ଥି ଭବାନୀପାଟ୍ନା ନ ଥିବା ଆର୍.ଆର୍.ଟି.ଟି.ଏସ୍.ର କୃଷି ପାଣିପାଗ୍ ବିଶେଷଜ୍ଞ ଚଲ୍ତି ରବି ଋତୁର ଜଲ୍ବାୟୁ ଆକଲନ୍ ଉପସ୍ଥାପନ୍ କର୍ବାର୍ ସହେତେ ଇ ଋତୁ ଲାଗି ଜଲ୍ବାୟୁ ଭିତିକ କୃଷି ପରାମର୍ଶ ବାବ୍ଦେ ଆଲୋଚନା କରିଥିଲେ ।

ଓର୍ମାସ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ଦିଆଲୀ ଆଘୋନୁ ଗ୍ରାମୀଣ୍ କାରିଗର୍ ମହିଳା ସ୍ୱୟଂ ସହାୟକ୍ ଗୋଷ୍ଠୀ ଆଉ ଉତ୍ପାଦକ ଗୋଷ୍ଠୀକେ ଜୁଡ଼୍ବାର୍ ଉଦ୍ଦେଶ୍ୟଥି ଓର୍ମାସ୍

ତରଫୁ ସୁବର୍ଣ୍ଣପୁର୍ ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ସହଯୋଗ୍ଥି ସୁବର୍ଣ୍ଣପୁର୍ ବ୍ଲକ୍ ଛକ୍ ଠାନେ ଗୁଟେ ଦୀପାବଳୀ ଷ୍ଟଲ୍ର ଆୟୋଜନ୍ କରାଯାଇଛେ । ଇତାକେ ଜିଲ୍ଲାପାଲ୍ ଦେବାଶିଷ୍ ସିଂହ ଉଦ୍ଘାଟନ୍ କରିଛନ୍ । ଷ୍ଟଲ୍ଥି ଭିନ୍ ଭିନ୍ ପ୍ରକାରର୍ ଲୁଭ୍ନିଆ ଦରବ୍ ପ୍ରଦର୍ଶନ୍ ଆଉ ବିକ୍ରି କରାଯାଉଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ବାତ୍ୟା ମୁରାସୁ ଆନ୍ଧ୍ରପ୍ରଦେଶ୍ର ଦକ୍ଷିଣ ଉପକୂଳ ସ୍ପର୍ଶ କର୍ବାର୍ ଉତ୍ରୁ ଆହୁରି ଦୁର୍ବଲ୍ ହେଇକରି ଅବପାତ ହେଇଛେ । ଆଏଜ୍ ସଖାଲ୍ତକ୍ ଇଟା ଆହୁରି ଦୁର୍ବଲ୍ ହେଇକରି ଲଘୁଚାପ୍ଥି ବଦ୍ଲିବାର୍ ସମ୍ଭାବନା ରହିଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଧୁକାଗର୍ଜ୍ଡି ସାଙ୍ଗେ ବର୍ଷା ହେବାର୍ ସମ୍ଭାବନା ରହିଛେ ।